# ଗାଁ ଭିତରକୁ ପ୍ରଚାର ଗାଡ଼ି ମନା

ଟିକିରି,୭।୫ (ପ୍ରଫୁଲ୍ଲ କୁମାର ବେହେରା)



ଭୋଟ ବର୍ଜନ ଚେତାବନୀ ଦେଇଥିବା ମଲିଝରଣ ଗ୍ରାମବାସୀ।

ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ମଧ୍ୟ ଗାଁରେ ମୌଳିକ ସୁବିଧା ଅପହଞ୍ଚ। ବାରମ୍ବାର ନିବେଦନ ପରେ ବି ପ୍ରଶାସନ ଶୁଣୁନାହିଁ। ତେଣୁ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କୋଡ଼ିପାରି ପଞ୍ଚାୟତର ମଲିଝରଣ ଗ୍ରାମବାସୀ। ସେମାନେ ଗାଁ ମୁଣ୍ଡ ଛକରେ ଏକ ପୋଷ୍ଟର ମାରି ନିର୍ବାଚନ ପ୍ରଚାର ପାଇଁ ଗାଡ଼ିକୁ ଗାଁ ଭିତରକୁ ପୂରାଇ ଦିଆଯିବନାହିଁ ବୋଲି ଉଲ୍ଲେଖ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁରେ ୧୫୦ ପରିବାର ବସବାସ କରୁଛନ୍ତି। ହେଲେ ଆଜି ବି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗାଁରୁ ମୁଖ୍ୟ ସଦରକୁ ପକ୍କାରାସ୍ତା ନାହିଁ। ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ଗ୍ରାମବାସୀ ବ୍ଲକ୍ ଓ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏପରିକି ନିର୍ବାଚନମଣ୍ଡଳୀର ବିଧାୟକ ମକରନ୍ଦ ମୁଦୁଲିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିଲାନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଗ୍ରାମବାସୀ ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ଗାଁର ସମସ୍ତ ଯୁବକ ଓ ବୟସ୍କ ବୈଠକ କରି ସମସ୍ୟା ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କୁ ଗାଁ ଭିତରକୁ ପଶେଇ ଦେବେନି କିମ୍ବା ଗାଁ ଭିତରକୁ ପ୍ରଚାର ଗାଡ଼ି ପ୍ରବେଶ ମନା ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ଗାଁ ମୁଣ୍ଡରେ ପୋଷ୍ଟର ମଧ୍ୟ ମାରିଛନ୍ତି। ମଲିଝରଣିବାସୀଙ୍କ ଏହି ଅଭିନବ ପ୍ରତିବାଦକୁ ନିକଟସ୍ଥ ଗ୍ରାମବାସୀ ସମର୍ଥନ ଜଣାଇଛନ୍ତି। ଏ ସମ୍ପର୍କରେ କାଶୀପୁର ବିଡିଓ ଅମୃତ ରାଉଳଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଯଦି ଗ୍ରାମର ସମସ୍ୟା ତୁରନ୍ତ ସମାଧାନ ନ ହୁଏ ମେ ୧୩ରେ ହେଉଥିବା ନିର୍ବାଚନକୁ ବର୍ଜନ କରିବେ ବୋଲି ଗ୍ରାମର ଦେବକର ନାଏକ, ହିରଣ୍ୟ ନାଏକ, କାର୍ତ୍ତିକ ମାଝି, ମାନତା ମାଝି, ଦୁଃଖୁ ଲହରା, ବନୁ ମାଝି, ଉମେଶ ମାଝି, ସଦନ ମାଝି, ଈଶ୍ୱର ନାଏକ ପ୍ରମୁଖ କହିଛନ୍ତି।

**ମଲିଝରଣ ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ**

# ଟ୍ରାକ୍ଟର ଧକ୍କାରେ ଛାତ୍ରୀ ମୃତ

ରାୟଗଡ଼ା,୭।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ କୋଡାପେଟାରୁ ମାଲିଗାଁ ଯିବା ରାସ୍ତାରେ ମଙ୍ଗଳବାର ଟ୍ରାକ୍ଟର ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ କୋଡାପେଟା ଗ୍ରାମର ଟୁନା ଦଳାଇଙ୍କ ୧୨ ବର୍ଷର ଝିଅ ଲିପ୍‌ସା ଦଳାଇ । ଲିପ୍‌ସା ମାଲିଗାଁ ଗ୍ରାମକୁ ଜଣଙ୍କ ଘରକୁ ଟ୍ୟୁସନ କରିବାକୁ ଯାଉଥିଲେ। ସେହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟର ଲିପ୍‌ସାଙ୍କୁ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଟ୍ରାକ୍ଟର ମାଡି ଯିବାରୁ ଘଟଣାସ୍ଥଳରେ ହିଁ ଲିପ୍‌ସାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଦଳ ବିରୋଧୀ କାର୍ଯ୍ୟ, ୮ ନେତା କଂଗ୍ରେସରୁ ନିଲମ୍ବିତ

ରାୟଗଡା,୭।୫(ଆଶିଷ ରଞ୍ଜନ ପଣ୍ଡା)

ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ବିଶୃଙ୍ଖଳା ପାଇଁ ପ୍ରଦେଶ କଂଗ୍ରେସ କମିଟି ଦଳରୁ ୮ ଜଣଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ଗୁଣପୁରର ଅବିନାଶ ଗମାଙ୍ଗ, ଭାସ୍କର ଜାଗାରଙ୍ଗା, ବିଷମକଟକର ଚନ୍ଦ୍ରଶେଖର ବେହେରା, ନୀଳମାଧବ ଉଲାକା ଓ ଅଶୋକ ଆଚାର୍ଯ୍ୟ ଏବଂ କଲ୍ୟାଣସିଂହପୁରର ରମି ତ୍ରିପାଠୀ, ରାୟଗଡ଼ାର ପୂର୍ଣ୍ଣଚନ୍ଦ୍ର ମାଝି ଏବଂ ରାଜେନ୍ଦ୍ର ନାୟକ। ଏନେଇ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଅବିନାଶ ଓ ଭାସ୍କର ଉଭୟ ଗୁଣପୁର ବିଧାନସଭା ଆସନ ପାଇଁ କଂଗ୍ରେସ ଟିକେଟ ପାଇଁ ଆଶାୟୀ ଥିଲେ। ଦଳ ସତ୍ୟଜିତ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଛି। ସେହିଭଳି ବିଷମକଟକ ଆସନ ପାଇଁ ନୀଳମାଧବ ଉଲାକା ଆଶାୟୀ ରହିଥିଲେ ମଧ୍ୟ ଦଳ ନୀଳମାଧବ ହିକ୍କାଙ୍କୁ ଟିକେଟ ପ୍ରଦାନ କରିଛି। ଅନ୍ୟପଟେ ରାୟଗଡ଼ାରୁ ପୂର୍ଣ୍ଣଚନ୍ଦ୍ର ମାଝି ଆଶାୟୀ ରହିଥିବା ବେଳେ ଦଳ ଆପଲସ୍ୱାମୀ କାଡ୍ରାକାଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଏହାପରେ ଅବିନାଶ, ଭାସ୍କର, ନୀଳମାଧବ ଓ ପୂର୍ଣ୍ଣ ଦଳରେ ବିଶୃଙ୍ଖଳା କରିବା ସହିତ ଦଳ ବିରୋଧୀ କାର୍ଯ୍ୟ କରିବା ଯୋଗୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ସେମାନଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣବେଳେ ଚଢ଼ାଉ, ଜଣେ ଗିରଫ



ଜୟପୁର, ୭।୫(ପବନ ପାଣଗ୍ରାହୀ)

କୋରାପୁଟ ଜିଲା ଜୟପୁର ଅବକାରୀ ଟିମ୍ ଗଞ୍ଜେଇ ଚାଲାଣ ବେଳେ ମଙ୍ଗଳବାର ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦିଗୁଡ଼ା ଗ୍ରାମର ଅଭି ବିଷୋୟୀ। ସୂଚନାନୁଯାୟୀ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ କର୍ମଚାରୀ ଘଟବାଗରା ଛକରେ ଅପେକ୍ଷା କରିଥିଲେ। ଅଭିଯୁକ୍ତ ଏକ ବାଇକରେ ସୁନ୍ଦିଗୁଡାରୁ ବେଆଇନ ଭାବେ ଜୟପୁରକୁ ଗଞ୍ଜେଇ ନେଇ ଆସୁଥିବାବେଳେ କର୍ମଚାରୀମାନେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କ ପାଖରୁ ୮ କେଜି ଗଞ୍ଜେଇ ମିଳିବା ପରେ ଅଭିଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

### ମାଲକାନଗିରି ନଗର ପୂର୍ବତନ ସଭାପତିଙ୍କ ପରଲୋକ

ମାଲକାନଗିରି, ୭।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ପୂର୍ବତନ ନଗର ସଭାପତି କୈବଲ୍ୟ ଜୁର ସେନାପତିଙ୍କର ମଙ୍ଗଳବାର ପରଲୋକ ହୋଇ ଯାଇଛି। ଏହି ଖବର ପାଇ ମାଲକାନଗିରି ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମି ଜୁରଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଶେଷକୃତ୍ୟ ସମୟରେ ଜିଲାର ସବୁ ଦଳ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉପରେ ରାୟଗଡ଼ାବାସୀଙ୍କ ଆଶୀର୍ବାଦ ରହିଛି: ଅତନୁ

ରାୟଗଡ଼ା,୭।୫(ଆଶିଷ ରଞ୍ଜନ ପଣ୍ଡା)


ଖବରଦାତା ସମ୍ମିଳନୀରେ ଅତନୁ ସବ୍ୟସାଚୀ ନାୟକ, ଏନ୍.ଭାସ୍କରରାଓ, କୃଷ୍ଣ ମହାପାତ୍ର ଓ ବିଧାୟକ ପ୍ରାର୍ଥୀ ଅନସୂୟା ମାଝି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାୟଗଡ଼ା ଜିଲାର ବିକାଶ ପାଇଁ ସବୁବେଳେ ସହଯୋଗ କରିଛନ୍ତି ଓ ଆଗାମୀ ଦିନରେ ମଧ୍ୟ କରିବେ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ରାୟଗଡ଼ାବାସୀଙ୍କର ଆଶୀର୍ବାଦ ରହିଛି। ଚଳିତ ସାଧାରଣ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନ ସମେତ ଜିଲାର ୩ଟି ବିଧାନସଭା ଆସନରେ ବିଜେଡି ବହୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବ ବୋଲି ମଙ୍ଗଳବାର ରାୟଗଡ଼ାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି।

ଗତ ୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ରାୟଗଡ଼ା ଜିଲା ଗସ୍ତ ଏବଂ କାଶୀପୁର ବ୍ଲକ ଟିକିରିଠାରେ ଆୟୋଜିତ ଜନ ସମାବେଶରେ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଉପରେ ଖୁସି ପ୍ରକଟକରି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିଛନ୍ତି । ଏଥିସହ ରାୟଗଡ଼ା ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କ ସହ କୋରାପୁଟ ଲୋକ ସଭା ପ୍ରାର୍ଥିନୀ କୌଶଲ୍ୟା ହିକ୍କା ଏବଂ ଜିଲାର ୩ ବିଧାନସଭା ପ୍ରାର୍ଥୀ କିଭଳି ବହୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବେ ସେ ନେଇ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ରାଜ୍ୟ ସମ୍ପାଦକ ଅମିୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ଜଗଦୀଶ ପାତ୍ର, ରାୟଗଡ଼ା ବିଧାନସଭା ନିର୍ବାଚନ ଇନ୍‌ଚାର୍ଜ ତଥା ବରିଷ୍ଠ ବିଜେଡି ନେତା କୃଷ୍ଣ ମହାପାତ୍ର, ବିଧାୟକ ପ୍ରାର୍ଥିନୀ ଅନସୂୟା ମାଝି, ଜିଲା ମହିଳା ସଭାନେତ୍ରୀ ଶ୍ରମିତା ପାଢ଼ୀ, ଜିଲା ଉପସଭାପତି ବିନାୟକ କର, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋଇ, ଯୁବନେତା ଶ୍ରୀକାନ୍ତ ଚୌଧୁରୀ, ଯୋଗେଶ ପେଦେଣ୍ଟି, ପପୁ ପ୍ରବୀଣ କୁମାର, ତପନ ପେଦେଣ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

### ଅବକାରୀ ମାମଲାରେ ୨ ଗିରଫ

ଜୟପୁର, ୭।୫(ପବନ ପାଣଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ମାମଲାରେ ୨ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ ଉମୁରି ଗ୍ରାମର ଗୁରୁ ବିଷୋୟୀ (୪୨) ଓ ଗୌରାଙ୍ଗ ବିଷୋୟୀ (୩୨)। ପୋଲିସ ସୂଚନାନୁଯାୟୀ ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖାଯାଇଥିବା ନେଇ ଜୟପୁର ସଦର ପୋଲିସ ଗତ ୩୦ ତାରିଖରେ ଉମୁରି କେନାଲ ତଟରେ ଚଢ଼ାଉ କରିଥିଲା। ସେଠାରୁ ୨ ହଜାର ଲିଟର ପୋଚ, ୪୦ ଲିଟର ଦେଶୀ ମଦ, ମଦରନ୍ଧା ସରଞ୍ଜାମ ଜବତ କରାଯାଇଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ବେଳେ ଜଣକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ମଙ୍ଗଳବାର ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଆଇଆର୍‌ପିଏମ୍‌ରେ ସଦାଶିନୀ ଶ୍ରାବଣୀ, ଇଲିଂଶରେ ଆଶିଷ ଟପ୍ପର

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶ**

ଗୁଣପୁର,୭।୫ (ପ୍ରଦୀପ କୁମାର ପାଢ଼ୀ)


ସଦାଶିନୀ ଶ୍ରାବଣୀ କୁମାରୀ


ଆଶିଷ ନନ୍ଦ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ହୋଇଥିବା ଯୁକ୍ତ ୩ ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲା ଗୁଣପୁର ଥାୟାରାମ୍ମା ମହିଳା ସ୍ନାତକ ମହାବିଦ୍ୟାଳୟ ଯୁକ୍ତ ୩ ଶେଷ ବର୍ଷ ଆଇଆର୍‌ପିଏମ୍ ବିଭାଗର ଛାତ୍ରୀ ସୁଶ୍ରୀ ସଦାଶିନୀ ଶ୍ରାବଣୀ କୁମାରୀ ୧୨୦୫ ନମ୍ବର ରଖି ବିଶ୍ୱବିଦ୍ୟାଳୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ସିୟା ଏବଂ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଗୁଣପୁର ବ୍ଲକ୍ ଡମ୍ବସରା ଯୁକ୍ତ୩ ଆଞ୍ଚଳିକ ଡିଗ୍ରୀ କଲେଜ ଶେଷ ବର୍ଷ ଛାତ୍ର ଆଶିଷ ନନ୍ଦ ଇଂଲିଶ ବିଭାଗରେ ୧୦୮୩ ନମ୍ବର ରଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ଟପ୍ପର ହୋଇଛନ୍ତି। ଛାତ୍ରଙ୍କ ଏହି ସଫଳତା ପାଇଁ ଅନୁଷ୍ଠାନର ପରିଚାଳନା କମିଟି, ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀମାନେ ଆଶିଷଙ୍କୁ ଶୁଭକାମନା ଜଣାଇଛନ୍ତି ।

# ନିର୍ବାଚନୀ କାର୍ଯ୍ୟ ତଦାରଖକଲେ ଜିଲାପାଳ

ଗୁଣପୁର,୭।୫(ପ୍ରଦୀପ କୁମାର ପାଢ଼ୀ)


ଜିଲାପାଳ ମନୋଜ ସତ୍ୟୱାନ ମହାଜନ ଗୁଣପୁର ଉପ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ଆସନ୍ତା ୧୩ ତାରିଖରେ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। କୋରାପୁଟ ଲୋକ ସଭା ଏବଂ ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ଆସନ ନିମନ୍ତେ ହେବାକୁ ଥିବା ନିର୍ବାଚନ କାର୍ଯ୍ୟର ସମୀକ୍ଷା କରିଛନ୍ତି ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନ । ମଙ୍ଗଳବାର ଜିଲାପାଳ ମହାଜନ ଗୁଣପୁର ଗସ୍ତକରି ନିର୍ବାଚନୀ କାର୍ଯ୍ୟର ତଦାରଖ କରିଛନ୍ତି । ଗୁଣପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୋଲିଂ ଅଧିକାରୀ, ଇଭିଏମ୍‌ର ଡିସ୍‌ଭର୍ସଲ ଓ ରିସିଭ କେନ୍ଦ୍ର ହେବାକୁ ଥିବାବେଳେ ମିନି ଷ୍ଟାଡିୟମରେ ଗାଡି ପାର୍କିଂର ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଗୁଣପୁରର ୨୮୯ ପୋଲିଂ ଷ୍ଟେଶନ ପାଇଁ ନିୟୋଜିତ ହେବାକୁ ଥିବା କର୍ମଚାରୀ, ପୋଲିସ କର୍ମଚାରୀ କିପରି ବୁଥ୍‌ରେ ପହଞ୍ଚି ସେମାନଙ୍କ କାର୍ଯ୍ୟ ସୁରୁଖୁରୁରେ କରିପାରିବେ ସେ ନେଇ ଜିଲାପାଳ ମହାଜନ ଉପଜିଲାପାଳ କିରଣ ଦୀପ କୌରଙ୍କ ସହ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ, ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗତ ୪ ତାରିଖରୁ ଚାଲିଥିବା କମିଶନିଂ ଶେଷ ହୋଇଛି । ମଙ୍ଗଳବାରଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୋଷ୍ଟାଲ ବାଲଟ ବ୍ୟବସ୍ଥା ହୋଇଛି। ଯେଉଁଥିରେ ଦିବ୍ୟାଙ୍ଗ, ୮୫ବର୍ଷରୁ ଅଧିକ ବୟସ୍କ ଭୋଟର, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ କର୍ମଚାରୀ ମତଦାନ କରିପାରିବେ ବୋଲି ଜିଲାପାଳ କହିଥିଲେ । ଜିଲାପାଳଙ୍କ ଗସ୍ତ ସମୟରେ ଉପଜିଲାପାଳଙ୍କ ସମେତ ଡେପୁଟି କଲେକ୍ଟର ମଧୁସୂଦନ ମାଝି, ଗୁଣପୁର ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜି, ରାମନାଗୁଡା ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ପଦ୍ମପୁର ତହସିଲଦାର ଦୀପ୍ତିମୟୀ ପାତ୍ର, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପିସ୍ତଲ ଜବତ, ଯୁବକ ଗିରଫ

କୁନ୍ଦୁରା,୭।୫ (ସନ୍ତୋଷ ପ୍ରହରାଜ)



କୋରାପୁଟ ଜିଲା କୁନ୍ଦୁରା ପୋଲିସ ମଙ୍ଗଳବାର ରାୟକୁନ୍ଦୁରା ଛକରୁ ଜଣେ ଯୁବକଙ୍କଠାରୁ ଗୋଟିଏ ପିସ୍ତଲ ଜବତ କରିଛି। ପୋଲିସ ଏ ନେଇ କେସ୍ ନଂ ୬୭/୨୪ରେ ଏକ ମାମଲା ରୁଜୁ କରିବା ସହ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଜୟପୁର ବ୍ଲକ୍ ଅନ୍ତର୍ଗତ କେରାପୁଟର ରାଜେଶ ହରିଜନ (୨୫)। ସେ ପୂର୍ବରୁ ଅନେକ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିଥିବା ନେଇ ପୋଲିସ ପାଖରେ ଖବର ରହିଥିଲା। ତାଙ୍କୁ ଗିରଫ ପାଇଁ ପୋଲିସ ବହୁ ଦିନରୁ ଯୋଜନା କରିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ସୁଯୋଗ ପାଇ ମାଡ଼ି ବସିଥିଲା ।

# ଆଗକୁ ନିର୍ବାଚନ, ଯାଞ୍ଚ କଡ଼ାକଡ଼ି

ରାୟଗଡ଼ା,୭।୫(ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ୧୩ ତାରିଖରେ ରାୟଗଡ଼ା ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ମୁକ୍ତ, ଅବାଧ ନିର୍ବାଚନକୁ ଦୃଷ୍ଟିରେ ରଖି ଷ୍ଟାଟିକ ସର୍ଭିଲେନ୍ସ ଟିମ୍ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଉଛି। ମଙ୍ଗଳବାର ରାମନାଗୁଡ଼ା ବ୍ଲକର ତାଣ୍ଡିକଣା ଛକ ନିକଟରେ ଗାଡ଼ି ଚେକିଂ କରାଯାଇଛି। ଗୁଡାରି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏନ୍‌ଏସି ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ଉପସ୍ଥିତିରେ ପୋଲିସ କର୍ମଚାରୀମାନେ ଛକ ଦେଇ ଯାତାୟାତ କରୁଥିବା ଗାଡ଼ିଗୁଡିକ ଚେକିଂ କରିଥିଲେ। ଏହି ଛକ ଦେଇ ରାୟଗଡ଼ା, ବିଷମକଟକ, ବ୍ରହ୍ମପୁର, ଗୁଣପୁରକୁ ସମସ୍ତ ଗାଡ଼ି ଯାତାୟାତ କରିଥାଏ। ମୁଖ୍ୟତଃ ଗାଡ଼ିରେ ନିର୍ବାଚନ ନିମନ୍ତେ ବେଆଇନ ଟଙ୍କା ଚାଲାଣ ରୋକିବା ନେଇ ଏହି ଚେକିଂ କରାଯାଉଥିବା ସୂଚନା ମିଳିଛି। ସେହିପରି ଜିଲାର ୩୨୬ ନମ୍ବର ଜାତୀୟ ରାଜପଥର ଗୁମୁଡ଼ା ଛକ ନିକଟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଗାଡି ଚେକିଂ କରାଯାଇଛି। ଗୁଡାରି ତହସିଲଦାର ତଥା ମାଜିଷ୍ଟ୍ରେଟ ଏ.ସ୍ନେହଲତାଙ୍କ ଉପସ୍ଥିତିରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଗାଡ଼ି ଚେକିଂ କରିଥିଲେ। ଗୁଡାରି ଥାନା ଇନ୍ସପେକ୍ଟର ସୋମନାଥ ଦଳବେହେରା ଏବଂ ପୋଲିସ ଟିମ୍ ଯାତାୟାତ କରୁଥିବା ସମସ୍ତ ଗାଡି ଚେକିଂ କରିଥିଲେ। ନିର୍ବାଚନ ପର୍ଯ୍ୟନ୍ତ ଚେକିଂ ନିୟମିତ ବ୍ୟବଧାନରେ ଜାରି ରହିବ ବୋଲି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସୂଚନା ମିଳିଛି।


ଗୁମୁଡ଼ା ଛକଠାରେ ଗୁଡାରି ତହସିଲଦାର ଏ.ସ୍ନେହଲତା ଓ ଅନ୍ୟମାନେ ଗାଡ଼ି ଯାଞ୍ଚ କରୁଛନ୍ତି।

# କଂଗ୍ରେସରେ ଚାଲିଛି ବହିଷ୍କାର, ଇସ୍ତଫା ପର୍ବ

ଗୁଣପୁର,୭।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସରେ ଚାଲିଛି ବହିଷ୍କାର ଏବଂ ଇସ୍ତଫା ପର୍ବ। ଅଦ୍ୟାବଧି ବହୁସଂଖ୍ୟାରେ କଂଗ୍ରେସ ନେତା ଏବଂ କର୍ମୀ ଦଳରୁ ଇସ୍ତଫା ଦେଇସାରିଛନ୍ତି। ଏପରିକି ସେମାନେ ଦଳକୁ ଖୋଲାଖୋଲି ବିରୋଧ ମଧ୍ୟ କରୁଛନ୍ତି। ସେପଟେ ଦଳ ନେତୃତ୍ୱ ମଧ୍ୟ ନେତାମାନଙ୍କୁ ବହିଷ୍କାର କରିବାରେ ଲାଗିଛନ୍ତି । ନିର୍ବାଚନ ସମୟରେ ଏପରି ଘଟଣା କ୍ରମ ଦଳ ପାଇଁ ମହଙ୍ଗା ପଡ଼ିପାରେ ବୋଲି ଆଲୋଚନାର ବିଷୟ ହୋଇଛି। ଏଭଳି ସ୍ଥିତିରେ କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ କିପରି ନିର୍ବାଚନୀ ବୈତରଣୀ ପାରକରିବେ ତାକୁ ନେଇ ଉଠିଛି ପ୍ରଶ୍ନ।

କଂଗ୍ରେସର ବରିଷ୍ଠ ନେତା ରଘୁ ପାତ୍ର ଗତ ୩୦ ତାରିଖରେ ଦଳରୁ ଇସ୍ତଫା ଦେଇଥିଲେ। ରବିବାର ଜିଲା ସଭାପତି ବିଜୟ ଗମାଙ୍ଗ ଇସ୍ତଫା ଦେଇଛନ୍ତି। ସେହିଭଳି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା କେତକୀ ଗମାଙ୍ଗ ମଧ୍ୟ ଇସ୍ତଫା ଦେଇଛନ୍ତି। ସେମାନଙ୍କ ସହ ଆଶାୟୀ ପ୍ରାର୍ଥୀ ତଥା ଯୁବନେତା ଭାସ୍କର ଜାଗରଙ୍ଗା ଏବଂ ଅବିନାଶ ଗମାଙ୍ଗ ସେମାନଙ୍କ ସମର୍ଥକଙ୍କ ସହ ଦଳରୁ ଇସ୍ତଫା ଦେଇଛନ୍ତି। ଜାଗରଙ୍ଗା ଏବଂ ଅବିନାଶ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କୁ ମଧ୍ୟ ଦଳ ବହିଷ୍କାର କରିଛି। କଂଗ୍ରେସର ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ବିଧାୟକ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କୁ ସମର୍ଥନ କରିଛନ୍ତି। ତାଙ୍କର ଗୋଟିଚାଳନାରେ ସତ୍ୟଜିତ ଗମାଙ୍ଗ ନିର୍ବାଚନ ବୈତରଣୀ ପାରହେବାକୁ ଆଶା ବାନ୍ଧିଥିବା ଆଲୋଚନା ହେଉଛି।

୨୦୧୪ ନିର୍ବାଚନରେ ୭୩୮୬ ଏବଂ ୨୦୧୯ ନିର୍ବାଚନରେ ୬୨୭୦ ଖଣ୍ଡ ଭୋଟରେ କଂଗ୍ରେସ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗ ପରାଜିତ ହୋଇଥିଲେ। ପୁରୁଷୋତ୍ତମଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ଦଳ ବର୍ତ୍ତମାନ ସତ୍ୟଜିତଙ୍କୁ ପ୍ରାର୍ଥୀ କରିଛି। ଗତ ଦୁଇଟି ନିର୍ବାଚନରେ ଦଳ କମ୍ ବ୍ୟବଧାନରେ ପରାଜୟ ଲାଭ କରିଥିଲେ ମଧ୍ୟ ଚଳିତ ନିର୍ବାଚନରେ ନେତା ଏବଂ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସତ୍ୟଜିତଙ୍କୁ ବିରୋଧୀଙ୍କ ବିରୋଧ ସହ ନିଜ ଦଳର ନେତା ଏବଂ କର୍ମୀଙ୍କ ଆକ୍ରୋଶର ସାମ୍ନା କରିବାକୁ ପଡୁଛି। ଦଳରେ ପ୍ରଚାର ଯେତିକି ଚାଲିଛି ବିରୋଧ ମଧ୍ୟ ସେତିକି ରହିଛି। ସତ୍ୟଜିତଙ୍କୁ ଶିବ ଗୌଡ଼ଙ୍କ ସମର୍ଥନ ଥିବାରୁ ସେ କିଭଳି ଗୋଟିଚାଳନା କରୁଛନ୍ତି ତା' ଉପରେ ଏବେ ସମସ୍ତଙ୍କ ନଜର। ଗତ ପୌର ନିର୍ବାଚନରେ ସମସ୍ତଙ୍କୁ ଚକ୍‌ମା ଦେଇ ଶିବ ଗୌଡ଼ ସ୍ୱାଧୀନ ଭାବେ ଲଢ଼ି ସ୍ତ୍ରୀ ମମତା ଗୌଡ଼ଙ୍କୁ ବିଜୟୀ କରିବା ସହ ସେ ଉପାଧ୍ୟକ୍ଷ ହୋଇଥିଲେ। ୧୯ଟି ୱାର୍ଡରୁ ୧୧ ୱାର୍ଡରେ ସ୍ୱାଧୀନ କାଉନସିଲରଙ୍କୁ ବିଜୟୀ କରାଇଥିଲେ। ସେହି ଯାଦୁ କ'ଣ ଗୁଣପୁର ବିଧାନସଭା କ୍ଷେତ୍ରରେ ଶିବ ଦେଖାଇ ପାରିବେ କି ବୋଲି ବର୍ତ୍ତମାନ ଆଲୋଚନାର ବିଷୟ ହୋଇଛି।

**ନିର୍ବାଚନ ବୈତରଣୀ ପାରକୁ ନେଇ ଉଠିଲା ପ୍ରଶ୍ନ**


ସତ୍ୟଜିତ ଗମାଙ୍ଗଙ୍କ ସହ ଶିବ ଗୌଡ଼ଙ୍କ ପ୍ରଚାର ।

## ସଂକ୍ଷେପରେ

### ପୋଷ୍ଟାଲ ବାଲଟରେ ଭୋଟ ଦେବେ ୩୨ଗଣମାଧ୍ୟମ ପ୍ରତିନିଧି

ମାଲକାନଗିରି,୭।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପ୍ରଥମ ଥର ୯ ଓ ୧୦ ତାରିଖରେ ପୋଷ୍ଟାଲ ବାଲଟରେ ଭୋଟ ଦେବେ ୩୨ ଗଣମାଧ୍ୟମ ପ୍ରତିନିଧି। ପୋଷ୍ଟାଲ ବାଲାଟରେ ଭୋଟ ଦେବାପାଇଁ ୩୭ ସାମ୍ବାଦିକ ଆବେଦନ କରିଥିଲେ। ସେଥିମଧ୍ୟରୁ ୫ଜଣଙ୍କର ବିଭିନ୍ନ କାରଣ ଯୋଗୁ କଟିଯାଇଥିବା ବେଳେ ୩୨ ଜଣ ଭୋଟ ଦେବାପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ବାଚନ ସେଲରେ ଆସନ୍ତା ୯ତାରିଖରେ ୨୭ ଜଣ ଓ ୧୦ ତାରିଖରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୫ ଜଣ ସାମ୍ବାଦିକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ନିର୍ବାଚନ ସେଲରେ ସକାଳ ୯ଟା ରୁ ସନ୍ଧ୍ୟା ୫ ଟା ମଧ୍ୟରେ ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେଇ ପାରିବେ ବୋଲି ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ସୂଚନା ଦେଇଛନ୍ତି।

### ବର୍ଷାରେ ଗରମରୁ ଆଶ୍ୱସ୍ତି ପାଇଲେ ଲୋକେ

ବାଲିମେଳା, ୭।୫(ଶିବଦତ୍ତ ସାହୁ)

ମାଲକାନଗିରିଜିଲା ବାଲିମେଳା ଏନ୍‌ଏସିରେ ସୋମବାର ରାତିରେ କାଳବୈଶାଖୀରେ ବିଭିନ୍ନ ଜାଗାରେ ବଡ ବଡ ଗଛ ଭାଙ୍ଗିଥିବା ଦେଖିବାକୁ ମିଳିଛି। ସକାଳୁ ଘଣ୍ଟାଏରୁ ଦେଢ଼ ଘଣ୍ଟା ବର୍ଷା ହେବାଦ୍ୱାରା ପାଗ କୋହଲା ଥିବାରୁ ଥଣ୍ଡା ଅନୁଭୂତି ହେଉଛି। ବିଗତ ଦିନରେ ଖରାର ପ୍ରକୋପ ୪୨/୪୩ ଡିଗ୍ରୀରେ ପହଞ୍ଚିଥିଲା। ଫଳରେ ଦିନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକେ ବାହାରକୁ ବାହାରିବା ସମ୍ଭବ ନ ଥିଲା। କିନ୍ତୁ କେଇଘଣ୍ଟା ବର୍ଷା ହେବାଦ୍ୱାର ସମ୍ପୂର୍ଣ୍ଣ ପରିବେଶ ଶୀତଳ ହେବାର ଦେଖିବାକୁ ମିଳିଛି। ଏଥିସହିତ ବିଦ୍ୟୁତ୍ ସରବରାହ ରାତ୍ରି ୧୨ ଟା ପର୍ଯ୍ୟନ୍ତ ବନ୍ଦ ଥିଲା। ବିଦ୍ୟୁତ୍ ସରବରାହ ଠିକ୍ କରିବା ପାଇଁ ରାତି ୩ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କର୍ମଚାରୀ କାର୍ଯ୍ୟ କରିବାର ଦେଖିବାକୁ ମିଳିଥିଲା।

### ଜଳିଗଲା ଗିଫ୍ଟ ଦୋକାନ

ପଟ୍ଟାଙ୍ଗି, ୭।୫(ଶରତ ଧଳ)

ଶର୍ଟ ସର୍କିଟ୍‌ରୁ ମା' ଗାଙ୍ଗେଶ୍ୱରୀ ପର୍ଫେକ୍ଟ ଗିଫ୍ଟ ଦୋକାନ ଜଳିଯାଇଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ଜାତୀୟ ରାଜପଥ କଡ଼ରେ ଥିବା ଉକ୍ତ ଗିଫ୍ଟ ଦୋକାନରେ ସୋମବାର ସନ୍ଧ୍ୟାରେ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗି ଯାଇଥିଲା। ମାଲିକ ପ୍ରକାଶ ମହାପାତ୍ରଙ୍କ କହିବା ଅନୁସାରେ, ସୋମବାର ସନ୍ଧ୍ୟାରୁ ଘଡ଼ଘଡି ସହ ବର୍ଷା ହେଉଥିଲା। ସେହି ସମୟରେ କରେଣ୍ଟ ନ ଥିଲା। କିନ୍ତୁ ବର୍ଷା ଘଡ଼ଘଡି କମିବା ପରେ ରାତି ୯ଟାରେ କରେଣ୍ଟ ଆସିଥିଲା। ଦେଖାଯାଇଥିଲା କି ଦୋକାନର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଧୂଆଁ ବାହାରି ହଠାତ୍ ଜଳିବାକୁ ଲାଗିଲା। ଦୋକାନରେ ଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମସ୍ତ ଗିଫ୍ଟ ପୋଡ଼ି ଜଳି ନଷ୍ଟ ହେବା ସହ ସେଠାରେ ଥିବା କେତେକ ଶିକ୍ଷାଗତ ପ୍ରମାଣପତ୍ର ପୋଡ଼ିଯାଇଛି। ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳକୁ ସମସ୍ତ ସାମଗ୍ରୀ ଜଳି ପୋଡ଼ି ନଷ୍ଟ ହୋଇ ଯାଇଥିଲା। ଏହା ଶର୍ଟ ସର୍କିଟ୍ ଯୋଗୁ ହୋଇଛି ବୋଲି ଅଗ୍ନିଶମ ବିଭାଗ ହାବିଲଦାର କହିଛନ୍ତି। ସେପଟେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ କୁମାର ଭଞ୍ଜ ଏବଂ ଅନ୍ୟ କର୍ମଚାରୀ ଦୋକାନରେ ପହଞ୍ଚି କେଉଁ କାରଣରୁ ଏପରି ଘଟିଲା ତଦନ୍ତ କରିଥିବା ଯନ୍ତ୍ରୀ ଭଞ୍ଜ କହିଛନ୍ତି।

### ନାରୀନେତ୍ରୀଙ୍କ ପରଲୋକ

କୋଟପାଡ଼, ୭।୫ (କେ.ରାଜଶେଖର ରାଓ)



କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳର ନାରୀ ନେତ୍ରୀ ତଥା ସାମାଜିକ କର୍ମୀ ଖାଡ଼େଶ୍ୱରୀ ପାତ୍ର (ଆକା)ଙ୍କ ଏସ୍କିନି ନୂଆଗାଁ ପଞ୍ଚାୟତର ଷଣ୍ଢଗାଁଠାରେ ଥିବା ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କୋଟପାଡ଼ର ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଆକା ଦେବୀ ଅବିଭକ୍ତ କୋରାପୁଟ ଜିଲାରେ ସାମାଜିକ ଓ ରାଜନୈତିକ ମଞ୍ଚରେ ଅନେକ ପଦ ପଦବୀରେ ରହି ନିଜ ଜିଲା ତଥା କୋଟପାଡ଼ ପ୍ରତି ଜନସେବାକୁ ନିଷ୍ଠାର ସହ ପାଳନକରି ନିଜକୁ ସମର୍ପିତ କରିଦେଇଥିଲେ। ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାରେ ଆକା ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମଦ୍ୟମୁକ୍ତି ଆନ୍ଦୋଳନଠାରୁ ଆରମ୍ଭକରି ଦମୟନ୍ତୀ ନାରୀ ପରିଷଦ ଗଠନ, ଅଞ୍ଚଳରେ ଉଚ୍ଚ ଶିକ୍ଷା ନିମନ୍ତେ ମହାବିଦ୍ୟାଳୟ ପ୍ରତିଷ୍ଠା, ନାରୀ ଶକ୍ତିକୁ କୋଟପାଡ଼ ଅଞ୍ଚଳରେ ପ୍ରସାର କରିଥିଲେ।

# ଗମନାଗମନ ଠପ୍, ଉଡ଼ିଲା ଘରର ଛପର

ମାଲକାନଗିରି,୭।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କୁରୁନିପାଲ୍ଲୀ ଗ୍ରାମରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। କୁରୁନିପାଲ୍ଲୀ ଗ୍ରାମରେ ସୋମବାର ରାତି ୧୧ଟାଠାରୁ ପ୍ରବଳ ପବନ ହେବା ଯୋଗୁ ବହୁ ଗଛ



କାଳବୈଶାଖୀରେ ନଷ୍ଟ ହୋଇଯାଇଥିବା ଘର।

**କାଳବୈଶାଖୀରେ କୁରୁନିପାଲ୍ଲୀ ସହ ୩ ଗ୍ରାମ ପ୍ରଭାବିତ**

ଭାଙ୍ଗି ପଡିଯିବାରୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ସେହିପରି କୁରୁନିପାଲ୍ଲୀ ସହ ମାଝିଗୁଡ଼ା, କୋଟିଆଗୁଡା ଗ୍ରାମର ପ୍ରାୟ ୨୦ରୁ ୨୫ ଘର ଛାତ ଉପର ଟିଣ ଉଡ଼ିଯାଇଛି। ଫଳରେ କୁରୁନିପାଲ୍ଲୀ ଗ୍ରାମର ଜଣେ ଶିଶୁ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ଉକ୍ତ ଗ୍ରାମରେ ପହଞ୍ଚି ରାସ୍ତା ଉପରେ ପଡିଥିବା ଗଛଗୁଡ଼ିକ କାଟି ସଫା କଲା ପରେ ଯାତାୟାତ ସ୍ୱାଭାବିକ ହୋଇଛି। ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ଉକ୍ତ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତମାନଙ୍କୁ ସମବେଦନା ଜଣାଇଛନ୍ତି।

# ବିରୋଧୀଙ୍କ ଉପରେ ବର୍ଷିଲେ ଭୁଜବଳ

ବାଲିମେଳା,୭।୫(ଶିବଦତ୍ତ ସାହୁ)

**ବାଲିମେଳାରେ କଂଗ୍ରେସର ଶକ୍ତି ପ୍ରଦର୍ଶନ**

ନବରଙ୍ଗପୁର ସଂସଦୀୟ କ୍ଷେତ୍ର କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝି ଚିତ୍ରକୋଣ୍ଡା ବିଧାନସଭା କ୍ଷେତ୍ର ମାଥିଲି ଏବଂ ବାଲିମେଳା ଏନ୍‌ଏସି ଆମ୍ବେଡକର ଛକ ନିକଟରେ ସୋମବାର ଏକ ବିଶାଳ ବାଇକ୍ ରାଲି ସହ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବରଙ୍ଗପୁର ଗସ୍ତରେ ଆସି ଯେଉଁ ଗ୍ୟାରେଣ୍ଟି ସବୁ ଦେଇଥିଲେ, ଏହାକୁ ଟାର୍ଗେଟ କରି ମାଝି ନିଜ ବକ୍ତବ୍ୟରେ କହିଥିଲେ, ବିଗତ ୧୦ ବର୍ଷର ମୋଦି ଗ୍ୟାରେଣ୍ଟି ଏଯାଏ ସମ୍ପୂର୍ଣ୍ଣ କରିନଥିବା ବେଳେ ପୁନର୍ବାର ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ସେହିପରି ନବୀନ ସରକାର ବିଗତ ୨୫ ବର୍ଷ ଧରି ଶାସନରେ ଥିବା ବେଳେ ଆଖିଦୃଶିଆ କୌଣସି କାର୍ଯ୍ୟ କରିନଥିବା କହିଥିଲେ। ତେଣୁ ସେ ଆହ୍ୱାନ ଦେଇଥିଲେ, ଥରେ ମାତ୍ର କଂଗ୍ରେସକୁ ଜନସାଧାରଣ ସୁଯୋଗ ଦିଅନ୍ତୁ। ତା' ହେଲେ ସେ ରାହୁଲ ଗାନ୍ଧୀ ଦେଇଥିବା ସମସ୍ତ ଗ୍ୟାରେଣ୍ଟି କାର୍ଯ୍ୟକାରୀ କରିବେ।

ସେହିପରି ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ମଙ୍ଗୁ ଖିଲ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଏବଂ ସ୍କୁଲରେ ଶିକ୍ଷକଙ୍କ ଅଭାବ ଏବଂ ବେକାରି ସମସ୍ୟା ଉପରେ କହିଥିଲେ। କଂଗ୍ରେସ ସରକାର ଆସିଲେ ନିଶ୍ଚିତ ଭାବେ ଏହି ସମସ୍ୟାଗୁଡ଼ିକ ଦୂର ହେବ। ଏହି ସଭାରେ ଲୋକ ସଭା ପ୍ରଚାର କମିଟି ଅଧ୍ୟକ୍ଷ ଦ୍ୱାରିକା ମହାପାତ୍ର, ଜିଲା ଉପସଭାପତି ଭୀମା ବାରସେ, ନଗର ସଭାପତି ସୁରେଶ ଖୋସଲ, ପିସିସି ସଭ୍ୟ ଏଲ୍.ଏମ୍. ପଟ୍ଟନାୟକ, ଜିଲା ମିଡିଆ ସେଲ୍ ଚେୟାରମ୍ୟାନ ଇସାକ୍ ଖୋସ୍‌ଲା ଓ ରବି ହରିଜନଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।



ବାଲିମେଳା ଆମ୍ବେଡକର ପଡ଼ିଆରେ ଆୟୋଜିତ ସଭାରେ କଂଗ୍ରେସ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ଭୁଜବଳ ମାଝି ଓ ଦଳୀୟ କର୍ମୀ।

# ସ୍ୱାଧୀନ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ

ପଟ୍ଟାଙ୍ଗି, ୭।୫(ଶରତ ଧଳ)

**କୋରାପୁଟ ଲୋକ ସଭା କ୍ଷେତ୍ର**

କୋରାପୁଟ ଲୋକ ସଭା ଏବଂ ବିଧାନସଭା ନିର୍ବାଚନକୁ ଅଳ୍ପ କିଛି ଦିନ ଥିବାବେଳେ ନିର୍ବାଚନମଣ୍ଡଳୀର ସହରାଞ୍ଚଳରୁ ଆରମ୍ଭକରି ଗ୍ରାମାଞ୍ଚଳରେ ପହଞ୍ଚି ଦଳୀୟ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଜଣେ ସ୍ୱାଧୀନ ପ୍ରାର୍ଥୀ ଲାସୁ ହନ୍ତାଳ ମଙ୍ଗଳବାର ବ୍ଲକସ୍ତରରେ ଖବରଦାତା ସମ୍ମିଳନୀ କରିଥିଲେ। ସେ ନିର୍ବାଚନ ମଇଦାନକୁ ଓହ୍ଲାଇ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପଟ୍ଟାଙ୍ଗି ବ୍ଲକ ସଦରମହକୁମାରେ ଉକ୍ତ ସମ୍ମିଳନୀ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନକୁ ଗୁରୁତ୍ୱ ଦେଇ ଦଳୀୟ ପ୍ରାର୍ଥିଙ୍କୁ ସମାଲୋଚନା କରିଥିଲେ। ସଂସଦୀୟ କ୍ଷେତ୍ରରେ ଏହା ମୁଖ୍ୟ ସମସ୍ୟା ହୋଇ ରହିଥିଲେ ମଧ୍ୟ ଏଥିରେ କୌଣସି ଦଳୀୟ ନିର୍ବାଚିତ ପ୍ରାର୍ଥୀ ଦୃଷ୍ଟି ଦେବା ତ ଦୂରର କଥା ଆନ୍ତରିକତା ମଧ୍ୟ ଦେଖାଇନାହାନ୍ତି। ଏଥିପାଇଁ କୋରାପୁଟ ଲୋକ ସଭା କ୍ଷେତ୍ରରେ ଥରେ ମୋତେ ସୁଯୋଗ ଦେଲେ ମୁଁ ଉପରୋକ୍ତ ସମସ୍ୟାଗୁଡ଼ିକୁ ସମାଧାନ ପାଇଁ ଉଦ୍ୟମ କରିବି ବୋଲି ସେ କହିଥିଲେ। ଏଥିସହିତ ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଅର୍ଥ କିପରି କୋରାପୁଟ ଲୋକ ସଭା କ୍ଷେତ୍ରର ସମସ୍ତ ଗ୍ରାମ ଓ ପରିବାରଙ୍କ ନିକଟରେ ପହଞ୍ଚି କାର୍ଯ୍ୟକାରୀ ହୋଇପାରିବ ତାହା ମୋର ମୂଳ ଲକ୍ଷ୍ୟ ହେବ ବୋଲି କହିଥିଲେ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ ଜୟପୁର ଗସ୍ତ

ଜୟପୁର,୭।୫ (ପବନ ପାଣିଗ୍ରାହି)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ଲଲାଟେନ୍ଦୁ ମହାପାତ୍ର ମଙ୍ଗଳବାର ଜୟପୁର ଉପଖଣ୍ଡ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ଜୟପୁରର ଆଇସିଆରଆର କ୍ୟାଶ୍‌ବୁକ, ଷ୍ଟକ୍ ଏବଂ ଷ୍ଟୋର, କର୍ମଚାରୀ ବିବରଣୀ, ଗଣମାଧ୍ୟମ ପ୍ରମାଣ ଫାଇଲ, ଇନଫର୍ମେଶନ ସେଣ୍ଟର ଓ ରିଡିଂ ରୁମ ଆଦି ଅନୁଧ୍ୟାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବାଙ୍କ ଉପସ୍ଥିତିରେ ଅନୁଧ୍ୟାନ କରିଥିଲେ। ଏହାସହିତ



କର୍ମଚାରୀମାନଙ୍କ ବ୍ୟକ୍ତିଗତ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ସେହିପରି କିରାଣି ତଥା ଗ୍ରନ୍ଥାକାରକ ସନ୍ତୋଷ କୁମାର ସାହୁଙ୍କ ଉପସ୍ଥିତିରେ ପାଠାଗାରରେ ଥିବା ବହି ଓ କ୍ୟାଶବୁକ ଓ ଷ୍ଟୋର ପ୍ରତିପାଦନ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ ପ୍ରକାର ଫାଇଲପତ୍ର ମେଣ୍ଟେନାନ୍ସ ଓ ସ୍ୱଚ୍ଛତା ଦେଖି ଖୁସିବ୍ୟକ୍ତ କରିଥିଲେ ।

# ଗୁପ୍ତେଶ୍ୱର ପୀଠକୁ ଯାତାୟାତରେ ବାଧା

ବୈପାରିଗୁଡ଼ା, ୭।୫(କଳ୍ପତରୁ ମହାନ୍ତି)

ବୈପାରିଗୁଡ଼ା ବ୍ଲକରେ କାଳବୈଶାଖୀ ପ୍ରଭାବରେ କୁଆପଥର ସହ ବର୍ଷା ହୋଇଛି। ବୈପାରିଗୁଡ଼ା ବ୍ଲକ ଟିପାକୁର, ଗୁପ୍ତେଶ୍ୱର, ଦଣ୍ଡାବାଡ଼ି, ରାମଗିରି ଓ ବାଲିଗାଁ ପଞ୍ଚାୟତରେ ପ୍ରବଳ ଝଡତୋଫାନ ସାଙ୍ଗକୁ କୁଆ ପଥର ବର୍ଷା ବ୍ୟାପକ କ୍ଷତି କରିଛି। ରାମଗିରିରୁ ଗୁପ୍ତେଶ୍ୱର ପୀଠ ଯିବା ରାସ୍ତାରେ ଅନେକ ଜାଗାରେ ବଡ଼ବଡ଼ ଗଛ ଭାଙ୍ଗି ପଡ଼ି ରାସ୍ତା ଅବରୋଧ ହୋଇଛି। ଗୁପ୍ତେଶ୍ୱର ପୀଠକୁ ସଂଯୋଗ କରୁଥିବା ହଳଦୀକୁଣ୍ଡ-ଶିରିବୈଡା ରାସ୍ତାରେ ମଧ୍ୟ ଅନେକ ସ୍ଥାନରେ ବଡ଼ବଡ଼ ଗଛ ଉପୁଡି ପଡ଼ିବାରୁ ଯାତାୟାତ ବାଧା ପ୍ରାପ୍ତ ହୋଇଛି। ଖବରପାଇ ବୈପାରିଗୁଡ଼ା ଅଗ୍ନିଶମ ବିଭାଗ ଓ ଗୁପ୍ତେଶ୍ୱର ବନାଞ୍ଚଳ କର୍ମଚାରୀମାନେ ଗଛ କାଟି ରାସ୍ତା ସଫା କରିଥିଲେ। ରାସ୍ତା ସଫା ହେବା ପରେ ସେଠାରେ ପୂର୍ବରୁ ଫସି ରହିଥିବା ଗାଡ଼ିଗୁଡ଼ିକ ବାହାରିଥିଲା। ସେହିପରି ଦଣ୍ଡାବାଡ଼ି, ଟିପାକୁର ଓ ବାଲିଗାଁ ଯିବା ରାସ୍ତାରେ ଗଛ ପଡିବା କାରଣରୁ ବସ୍ ସେବା ବ୍ୟାହତ ହୋଇଥିଲା। ଘର ଉପରେ ଗଛ ପଡ଼ିବା କାରଣରୁ ଅନେକ ଜାଗାରେ ଲୋକେ ବାସହୀନ ହୋଇ ଖୋଲା ଆକାଶ ତଳେ ରହିଛନ୍ତି। ଦଣ୍ଡାବାଡ଼ି ପଞ୍ଚାୟତର ଗୁମୁଡିପଦରଗ୍ରାମରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବାସହରା ହୋଇଛନ୍ତି। ଗ୍ରାମର ବାଣୀ ଚାଲାଣ, ମଙ୍ଗଳଦାନ ପୂଜାରୀ, କ୍ଷମା ଖରା , ଚନ୍ଦ୍ର ଖରା, କୁମୁଟିଶାନ୍ତା ଓ ସୁତା ଶାନ୍ତା ପ୍ରମୁଖ ଏ ନେଇ ରାଜସ୍ୱ ନିରୀକ୍ଷକ ଓ ବ୍ଲକ ପ୍ରଶାସନକୁ ସହାୟତା ପାଇଁ ଲିଖିତଭାବେ ଜଣାଇଛନ୍ତି।



ଅଗ୍ନିଶମ କର୍ମଚାରୀମାନେ ଗଛ କାଟି ରାସ୍ତା ସଫା କରୁଛନ୍ତି ।

# ୧୪ ଘଣ୍ଟାରୁ ଅଧିକ ସମୟ ଧରି ଅନ୍ଧାରରେ ୨ ସହର

ସୁନାବେଡ଼ା/ସେମିଳିଗୁଡ଼ା, ୭।୫ (କୃତ୍ତିବାସ ପ୍ରଧାନ /ବାସୁଦେବ ବରାଡ଼)

ଦୀର୍ଘ ୧୪ଘଣ୍ଟା ରୁ ଊର୍ଦ୍ଧ୍ୱ ସମୟ ଧରି କୋରାପୁଟ ଜିଲାର ସୁନାବେଡ଼ା ଓ ସେମିଳିଗୁଡ଼ା ସହର ଅନ୍ଧାରରେ ରହିଛି। ମଙ୍ଗଳବାର ଭୋର ପ୍ରାୟ ସାଢେ ୪ ସମୟରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଫଳରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ବର୍ଷା ପବନ ଛାଡ଼ିବାକୁ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ କରେଣ୍ଟ ଆସିନାହିଁ। ସେପଟେ ଲାଇନ୍ ନ ଥିବା ହେତୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଲୋକେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ମରାମତି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଯୋଗାଯୋଗ କଲେ କୌଣସି ଉତ୍ତର ମିଳୁ ନଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ବିଜୁଳି ଆସି ନ ଥିଲା। ସୁନାବେଡ଼ା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ବିଶ୍ୱକେଶନ ପ୍ରଧାନଙ୍କୁ ପଚାରିବାରୁ ଗ୍ରୀଡ୍ ବ୍ରେକ ଡାଉନ ଥିଲା। ତାଙ୍କର ଲାଇନ ଆସିବା ବେଳକୁ ଆମର ଏଇଠି କେତେକ ଜାଗାରେ ଗଛ ପଡ଼ି ତାହା ସଜାଡ଼ିବା ବେଳକୁ ୨ଟା ବାଜିଲା। ବିଜୁଳୀ ସଂଯୋଗ କେତେବେଳେ ଦିଆଯିବ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ଜଣାଇବି ବୋଲି ପ୍ରତିକ୍ରୀୟାରେ କହିଥିଲେ।

# ରାସ୍ତାରେ ଦବିଲା ପ୍ରଚାର ଗାଡ଼ି

ନନ୍ଦପୁର, ୭।୫(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ଥାନା ବନମାଳୀପୁଟ ପଞ୍ଚାୟତ ଅଧୀନ ବିମାରିପୁଟ ଗ୍ରାମ ନିକଟରେ କୋରାପୁଟ ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ଗାଡ଼ି ରାସ୍ତାରେ ଦବି ଯାଇଛି। ନନ୍ଦପୁର ଲମତାପୁଟକୁ ସଂଯୋଗ କରିବାକୁ ତିଆରି ହେଉଥିବା ନୂତନ ରାସ୍ତାରେ ବର୍ଷା ଯୋଗୁ ମାଟି ଓଦା ହୋଇଥିଲା। ପ୍ରଚାର ଗାଡ଼ି ଏହି ରାସ୍ତାରେ ଯିବାବେଳେ ତାହା ଦବି ଯାଇଥିବା କୁହାଯାଉଛି। ପ୍ରଚାର ଗାଡ଼ିଟି ପାଲିବା ସାପ୍ତାହିକ ହାଟରୁ ଫେରୁଥିବା ବେଳେ ରାସ୍ତାରେ ଦବି ଯାଇଥିଲା। ୨ ଘଣ୍ଟାର ପରିଶ୍ରମ କରି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ିଟିକୁ ବାହାରକୁ କଢ଼ା ଯାଇଥିବା ସୂଚନା ମିଳିଛି।




# ଚୋରା ଚାଲାଣ ପୂର୍ବରୁ ଜବତ ହେଲା ୧୩୫ କେଜି ଗଞ୍ଜେଇ



ଜବତ ଗଞ୍ଜେଇ ।

ପଟ୍ଟାଙ୍ଗୀ, ୭।୫(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ ଅଧିନ ଦଳପତିଗୁଡା ଗ୍ରାମ ନିକଟ ଏକ ପାହାଡ଼ ଜଙ୍ଗଲରେ ଚୋରାଚାଲାଣ ଲାଗି ଗଚ୍ଛିତ ଥିବା ୧୩୫ କେଜି ଗଞ୍ଜେଇ ମଙ୍ଗଳବାର ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ଉକ୍ତ ଜଙ୍ଗଲରେ ଗଚ୍ଛିତ ଥିବା ଗଞ୍ଜେଇ ଚୋରା ଚାଲାଣ କାରବାର ସମ୍ପର୍କରେ ବିଶ୍ୱସ୍ତସୂତ୍ରରୁ ଖବର ପାଇ ପଟ୍ଟାଙ୍ଗୀ ପୋଲିସ ପହଞ୍ଚିଲା। ଉକ୍ତ ସ୍ଥାନରେ ସ୍ଥାନୀୟ ପୋଲିସ ଚଢାଉ କରିଥିବା ସୁନାବେଡା ଏସ୍‌ଡିପିଓ ମନବ୍ରତା ଶତପଥି ସୂଚନା ଦେଇଛନ୍ତି। ଏନେଇ ଥାନାଧିକାରୀ ଚତୁର୍ଭୁଜ ନାୟକ ଖବରପାଇ ସୁଙ୍କି ପୋଲିସକୁ ଜଣାଇ ଉକ୍ତ ପାହାଡ଼ରେ ଚଢାଉ କରିଥିଲେ। ଯେଉଁଥିରେ କି ଦୁଇ ଥାନାର ପୋଲିସ କର୍ମଚାରୀ ଚଢାଉ କରି ୧୩୫ କେଜି ଗଞ୍ଜେଇ ଜବତ କରିଥିଲେ। କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବା ପୂର୍ବରୁ ଘଟଣାସ୍ଥଳରୁ ସେମାନେ ଫେରାର ହୋଇଯାଇଥିବା ପୋଲିସ କହିଛି। ଅନ୍ୟପକ୍ଷରେ ଗଚ୍ଛିତ ଗଞ୍ଜେଇକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଗଞ୍ଜେଇ କିଏ ରଖିଥିଲା ଏବଂ କେଉଁ ଆଡକୁ ଚାଲାଣ ହେଉଥିଲା ଏହା ପଛରେ କାହା ହାତ ରହିଛି ସେନେଇ ତଦନ୍ତ କରାଯାଉଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି ।

# ବିଶ୍ୱ ଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ



ବୈଠକରେ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି।

ଦାମନଯୋଡ଼ି, ୭।୫ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ନାଲ୍‌କୋ ଟାଉନଶିପ୍ ସେକ୍ଟର-୧ସ୍ଥିତ ଯଜ୍ଞ ମଣ୍ଡପରେ ୨୦ତାରିଖରୁ ହେବାକୁ ଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ପାଇଁ ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ କରାଯାଇଛି। ୨୦ତାରିଖ ସୋମବାର ଅଙ୍କୁରାରୋପଣ ଓ ୨୧ରୁ ୩ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବେଦ ପ୍ରବଚନ କାର୍ଯ୍ୟକ୍ରମ ଓ ୨୩ତାରିଖ ପୂର୍ଣ୍ଣିମା ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଏବଂ ପ୍ରସାଦ ସେବନ ଆଦି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କମିଟି ପକ୍ଷରୁ ସଭାପତି ତଥା ନାଲ୍‌କୋ ମହାପ୍ରବନ୍ଧକ ସରୋଜ କୁମାର ନାଥ, ଉପସଭାପତି ହରିବନ୍ଧୁ ବିଶ୍ୱାଳ, ସମ୍ପାଦକ ଅନାମ ଚରଣ ନାୟକ, ଯୁଗ୍ମ ସମ୍ପାଦକ ଆନନ୍ଦ ମୋହନ ପ୍ରସାଦ, କୋଷାଧ୍ୟକ୍ଷ ଶୁକଦେବ ପଟ୍ଟନାୟକଙ୍କ ସମେତ ସଦସ୍ୟମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ଶାନ୍ତି ପ୍ରତିଷ୍ଠା ଓ ବିଶ୍ୱକଲ୍ୟାଣ ନିମନ୍ତେ ପ୍ରତିବର୍ଷ ଏହି ମହାଯଜ୍ଞ ହେଉଥିବା ଜଣାପଡ଼ିଛି।

**Government of Odisha**
**Department of Social Security and Empowerment of Persons with Disabilities**

No.3443/SSEPD Dt.04.05.2024
SSEPD-DA6-SCH-0004-2023

**2nd CORRIGENDUM TO e-TENDER NOTICE NO. 1644 Dated 02.03.2024**

**No.gg-01:** In pursuance with Technical Committee meeting for consideration of the submissions of prospective bidders in the Pre-bid meeting held on 15.03.2024, following is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024:
1. Annexure-1: List of Equipment with Technical Specifications of the Tender Document is hereby revised by incorporating the recommendations of the technical committee. The Final List of Equipment along with Proceedings is enclosed at Annexure-1.
2.An undertaking/ affidavit should be submitted by the bidders to ensure that they have not been declared ineligible, non-performing, involved in fraud or blacklisted etc. by any State Govt. / Central Govt. /PSU and if found involved in any of the above fraudulent practices anytime, their bid may be cancelled or rejected summarily.
3.There should be service centres setup at Odisha by the selected agencies for repair, replacement and maintenance of the equipment to be installed for seamless post sales service. The agreement of the selected bidder should be legally vetted by experts so that any dispute regarding maintenance of the equipment can be addressed in time properly. 4.Department will consider installation of the equipment by the selected (L1) bidder in one or two centres initially so that after three months of operation the performance can be judged and reported on the basis of data. On the basis of satisfactory performances, installation in other centres may be considered during the year. 5.Last date for submission of e-tender bids was extended up to 27.05.2024-5 PM vide corrigendum notice No. 2593/SSEPD dtd. 22.03.2024. Technical Bids will be opened on Dt. 28.05.2024- 11.30 AM at Conference Hall of SSEPD Department, Lokseva Bhawan, Bhubaneswar.

Sd./- Director
SSEPD Department

OIPR-46001/11/0001/2425

# କାଳବୈଶାଖୀ ବର୍ଷା: ଖରାରେ ଲାଗିଲା ବ୍ରେକ୍


ବିଶାଖାପାଟଣାରୁ ଜୟପୁରକୁ ସଂଯୋଗ କରୁଥିବା ରାସ୍ତାରେ ବର୍ଷା ପାଣି ଜମିଛି।

କୋରାପୁଟ,୭।୫(ଅମିତାଭ ବେହେରା)

■ କୋରାପୁଟ ଜିଲାରେ ୨୧୬.୫ମି.ମି. ବର୍ଷା
■ ଡାଳ ଭାଙ୍ଗି ବିଦ୍ୟୁତ୍ ସରବରାହ ବାଧା

କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର କୋରାପୁଟ ଜିଲାରେ ବର୍ଷା ହୋଇଛି। ପୂରା ଜିଲାରେ ୨୧୬.୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେମିଳିଗୁଡ଼ା ବ୍ଲକରେ ସର୍ବାଧିକ ୪୨ ମି.ମି. ବର୍ଷା ହୋଇଥିବାବେଳେ ଦଶମନ୍ତପୁର ବ୍ଲକରେ ସର୍ବନିମ୍ନ ୨ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ଜଣାଯାଇଛି। ସେହିପରି ବୈପାରିଗୁଡ଼ାରେ ୧୧ ମି.ମି. , କୋରାପୁଟରେ ୨୮.୬ ମି.ମି., ଲମତାପୁଟରେ ୧୭ ମି.ମି. ବର୍ଷା ରେକର୍ଡ କରାଯାଇଛି। ଜୟପୁର ବ୍ଲକରେ ୨୮.୬ ମି.ମି., କୋଟପାଡ଼ରେ ୧୬ ମି.ମି., ପଟ୍ଟାଙ୍ଗିରେ ୧୯.୨ମି.ମି., ନନ୍ଦପୁରରେ ୭ ମି.ମି., କୁନ୍ଦ୍ରାରେ ୨୭ ମି.ମି., ଲକ୍ଷ୍ମୀପୁରରେ ୫.୩ ମି.ମି., ବନ୍ଧୁଗାଁରେ ୬ ମି.ମି. ଓ ବୋରିଗୁମ୍ମା ବ୍ଲକରେ ୪.୨ମି.ମି. ବର୍ଷା ହୋଇଥିବା ଜଣାପଡ଼ିଛି। କୋରାପୁଟରେ ମଙ୍ଗଳବାର ଭୋର ୪ଟାରୁ ପ୍ରବଳ ପବନ ହୋଇଥିଲା। ଜିଲାର ସେମିଳିଗୁଡ଼ା, ଜୟପୁର, କୋରାପୁଟ, କୁନ୍ଦୁରା ଆଦି ବିଭିନ୍ନ ବ୍ଲକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମରାଯାଇଥିବା ବିଜ୍ଞାପନ ବୋର୍ଡମାନ ଉଡ଼ିଯାଇଥିଲା। ପ୍ରବଳ ବର୍ଷା ଯୋଗୁ କୋରାପୁଟ ସହରର ସମେତ ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଜନସାଧାରଣ ଆସ୍ୱସ୍ତି ଅନୁଭୋବ କରିଛନ୍ତି। ଏହି ବର୍ଷା ପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛର ଡାଳମାନ ଭାଙ୍ଗି ବିଦ୍ୟୁତ୍ ସେବା ଭୋର ୪ ଟାରୁ ଅପରାହ୍ନ ୧ଟା ଯାଏ ବ୍ୟାହତ ହୋଇଥିଲା। ବିଦ୍ୟୁତ୍ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି।

## ବର୍ଷା ସାଙ୍ଗକୁ ପବନ, ବିଦ୍ୟୁତ୍ ବିଚ୍ଛିନ୍ନ

ନବରଙ୍ଗପୁର, (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ମଙ୍ଗଳବାର ବର୍ଷା ସହ ପବନ ହୋଇଛି। ଜିଲାରେମୋଟ ୧୧୫ ମିମି ବର୍ଷା ରେକର୍ଡ ହୋଇଛି। ନବରଙ୍ଗପୁରରେ ୧୫ ମିମି, ନନ୍ଦାହାଣ୍ଡିରେ ୪ ମିମି, ପାପଡ଼ାହାଣ୍ଡିରେ ୧୦ ମିମି, କୋଷାଗୁମୁଡ଼ାରେ ୧୫.୨ ମିମି, ଉମରକୋଟରେ ୧୧ ମିମି, ତେନ୍ତୁଳିଖୁଣ୍ଟିରେ ୩୧ ମିମି, ଡାବୁଗାଁରେ ୧ ମିମି, ଝରିଗାଁରେ ୧୩ ମିମି ଓ ଚନ୍ଦାହାଣ୍ଡିରେ ୧୩ ମିମି ବର୍ଷା ରେକର୍ଡ କରାଯାଇଛି। ଭୋର ୪ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ଏଥିସହ ଖୁବ୍ ଜୋରରେ ପବନ ବୋହିବାରୁ ସହର ମଧ୍ୟରେ ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି। ଯାହା ଫଳରେ ସହରରେ ବିଦ୍ୟୁତ୍ ସରାବରାହ ବିଚ୍ଛିନ୍ନ ହୋଇଥିଲା। ପବନ ଫଳରେ ଆମ୍ବଗୁଡ଼ିକ ତଳେ ଝଡ଼ି ପଡିଥିବା ଦେଖିବାକୁ ମିଳିଛି। ଆମ୍ବ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଗତ ୧ ମାସ ହେବ ଜିଲା ସାରା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାବେଳେ ଭୋର ୩ଟାରେ ମେଘ ଆସି ବର୍ଷା ସହ ପବନ ହେବାରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରୁଛନ୍ତି।


ନବରଙ୍ଗପୁର ସହରରେ ପବନରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଛି।

## ୧୪୫ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ

କୋରାପୁଟ,୭।୫(ଅମିତାଭ ବେହେରା)

**କୋରାପୁଟ ଜିଲା**
■ ବୁଥ୍‌ରେ ଭିଡିଓଗ୍ରାଫି, ଫଟୋଗ୍ରାଫି ସହ ନିର୍ବାଚନ ପର୍ଯ୍ୟବେକ୍ଷକ ନିୟୋଜିତ ହେବେ

କୋରାପୁଟ ଜିଲାରେ ଥିବା ୫ ବିଧାନସଭା ଆସନ ଅଞ୍ଚଳରେ ମୋଟ ୧୧୫୯ ବୁଥ୍ ରହିଛି। ସେଥିମଧ୍ୟରୁ ୧୪୫ଟି ବୁଥ୍ ଅତି ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏହି ବୁଥ୍‌ଗୁଡ଼ିକରେ ଶାନ୍ତିଶୃଙ୍ଖଳା ସହ ଭୋଟରମାନେ କିପରି ମତଦାନ କରିବେ ସେ ନେଇ ନିର୍ବାଚନ କମିଶନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ଅତି ସମ୍ବେଦନଶୀଳ ବୁଥ୍‌ଗୁଡିକରେ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ବ୍ୟାପକ ପୋଲିସ ମୁତୟନ ହେବା ସହ ବୁଥ୍‌ଗୁଡିକରେ ଭିଡିଓଗ୍ରାଫି, ଫଟୋଗ୍ରାଫି, ନିର୍ବାଚନ ପର୍ଯ୍ୟବେକ୍ଷକମାନେ ନିୟୋଜିତ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି।

କୋରାପୁଟ ଜିଲାର ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୨୫ ବୁଥ୍ ମଧ୍ୟରୁ ୪୦, କୋରାପୁଟ ବିଧାନସଭା ଅଞ୍ଚଳରେ ୨୧୫ ବୁଥ୍‌ରୁ ୧୫, କୋଟପାଡ଼ ବିଧାନସଭା ଅଞ୍ଚଳରେ ୨୪୩ ବୁଥ୍‌ରୁ ୨୯, ଜୟପୁର ବିଧାନସଭା ଅଞ୍ଚଳରେ ୨୩୮ ବୁଥ୍‌ରୁ ୭ଟି ଅତି ସମ୍ବେଦନଶୀଳ ବୁଥ୍ ଥିବା ଚିହ୍ନଟ କରାଯାଇଛି। ସେହିପରି ପଟ୍ଟାଙ୍ଗି ବିଧାସନସଭା ଅଞ୍ଚଳରେ ୨୩୮ ବୁଥ୍ ମଧ୍ୟରୁ ୫୪ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

## ବିକଳ୍ପ ଚାହୁଁଛନ୍ତି ଲୋକେ:ଭାଜପା

ନବରଙ୍ଗପୁର,୭।୫(ସଦାଶିବ ପ୍ରହରାଜ)

ଓଡିଶା ବିକଶିତ ହେବ। ଭାଜପାର ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀଙ୍କ ସମେତ ୭ ଜଣ ବିଧାୟକ ପ୍ରାର୍ଥୀ ବିଜୟୀ ହବେ। ଲୋକ ମତ ପରିବର୍ତ୍ତନ କରୁଛନ୍ତି, ବିକଳ୍ପ ମଧ୍ୟ ଚାହୁଁଛନ୍ତି ବୋଲି ସ୍ଥାନୀୟ ମାଝିଗୁଡା ଛକ ନିକଟରେ ଥିବା ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀକରି ନବରଙ୍ଗପୁର ଓ କୋରାପୁଟ ଲୋକ ସଭା ପ୍ରଭାରୀ ପତଞ୍ଜଳୀ କରଶର୍ମା କହିଛନ୍ତି। ଭାଜପାର ଯୋଜନାରେ ବିଜେଡି ଛାପ ଲଗାଇ ବିକାଶ କଥା କହୁଛି ବୋଲି ସେ ଅଭିଯୋଗ କରିଛନ୍ତି।

ନବରଙ୍ଗପୁର ଜିଲାରେ ଜଳସେଚନ ବ୍ୟବସ୍ଥା ନାହିଁ। ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ, ଅବଶ୍ୟକ ଡାକ୍ତର ଓ ବିଶେଷଜ୍ଞ ନାହାନ୍ତି। ଲ୍ୟାବ ରହିଛି ଟେକ୍ନିସିଆନ ନାହାନ୍ତି। ମେସିନ ଖତ ଖାଉଛି। ପିଇପା ପାଣି ଭଳି ମୌଳିକ ସୁବିଧାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଆୟୁଷ୍ମାନ ଭାରତ ବିଜେଡି ସରକାର କାର୍ଯ୍ୟକାରୀ କରୁ ନାହାନ୍ତି ବୋଲି କରଶର୍ମା ଅଭିଯୋଗ କରିଛନ୍ତି। ନୂଆଁ-ଓ ଓଡିଶା ମାଧ୍ୟମରେ ମହାବିଦ୍ୟାଳୟରେ ରେକର୍ଡ ଡ୍ୟାନ୍ସ କରାଯାଉଛି। ଶିକ୍ଷା ସଂସ୍କାର ନ ଆଣି ଏହି ଭଳି କରାଯିବା ଦ୍ୱାରା ଶିକ୍ଷାର କିଭଳି ବିକାଶ ହେଉଛି ବୋଲି ସେ ପ୍ରଶ୍ନ କରିଥିଲେ। ୫-ଟି ନାମରେ ପୁରୁଣା କାନ୍ଥକୁ ରଙ୍ଗ ଦେଇ ନୂଆ ରୂପ ଦେଲେ ମୌଳିକ ସମସ୍ୟା ଦୁରେଇ ଯିବକି ବୋଲି ସେ ପଚାରିଥିଲେ। ଓଡିଶାରେ ଭାଜପା ସରକାର ହେଲେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା, ସୁଭଦ୍ରା ଯୋଜନା, ସମୃଦ୍ଧ କୃଷକ ନୀତି ଆଦି ଲାଗୁ ହେବ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

## ପବନରେ ଭାଙ୍ଗିଗଲା ଗଛ, ହୋର୍ଡିଂ


ଏମ୍‌ଡିଆର୍ ୫୫ ରାସ୍ତାର ମାରଡା ବ୍ରିଜ୍ ନିକଟରେ ଏକ ହୋର୍ଡିଂ ଭାଙ୍ଗି ରାସ୍ତାରେ ପଡ଼ିଛି।

ନନ୍ଦପୁର, (ଶଙ୍କର ପୂଜାରୀ)

କାଳବୈଶାଖୀର ପ୍ରଭାବରେ ନନ୍ଦପୁର ବ୍ଲକ ଅଞ୍ଚଳରେ ମଙ୍ଗଳବାର ସକାଳୁ ଘଡ଼ଘଡ଼ି ସହ ବର୍ଷା ଓ ପବନ ହୋଇଛି। ବର୍ଷା ଯୋଗୁ ତାପମାତ୍ରା ସାମାନ୍ୟ କମିଛି। କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ପାହାନ୍ତିଆରୁ ସମଗ୍ର ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। କୁଲାବିର ପଞ୍ଚାୟତର ବାଞ୍ଜାଲାପୁଟ ଗ୍ରାମରେ ବିଦ୍ୟୁତ୍ ତାର ଓ ପୋଲ ଉପରେ ଗଛ ଭାଙ୍ଗି ପଡ଼ିଛି। ଏମ୍‌ଡିଆର ୫୫ ରାସ୍ତାର ମାରଡା ବ୍ରିଜ୍ ନିକଟରେ ଏକ ବିରାଟ ସୂଚନା ଫଳକ ( ହୋର୍ଡିଂ) ପବନରେ ଭାଙ୍ଗି ରାସ୍ତା ଉପରେ ପଡ଼ିଛି। ବିଶାଖାପାଟଣା ଜୟପୁର ସଂଯୋଗ କରୁଥିବା ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଥିଲା। ଏଥିଯୋଗୁ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

## ଉଡ଼ିଗଲା ଘର ଆଜବେଷ୍ଟସ୍

ଦଶମନ୍ତପୁର,(ଅରବିନ୍ଦ ନାୟକ)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଅନେକଙ୍କ ଘର ଆଜବେଷ୍ଟସ୍ ଉଡ଼ିଯାଇଥିବା ଅଭିଯୋଗ ହୋଇଛି। ଗାଦିଆଗୁଡ଼ା ପଞ୍ଚାୟତ ଅଧୀନ ଖଜୁରିପୁଟ ଗାଁର ୪ ଜଣଙ୍କ ଘର ଆଜବେଷ୍ଟସ୍ ଉଡ଼ିଯାଇଛି। ମଙ୍ଗଳବାର ଭୋରରୁ ହଠାତ୍ କାଳବୈଶାଖୀ ପ୍ରଭାବରେ ପବନ ହୋଇଥିଲା। ସମସ୍ତେ ଶୋଇଥିବାବେଳେ ଆଜବେଷ୍ଟସ୍‌ଗୁଡ଼ିକ ଭାଙ୍ଗିଯାଇଥିଲା। ବଲ୍ଲଭ ସାଉନ୍ତାଙ୍କ ମୁଣ୍ଡରେ ଆଜ୍‌ବେଷ୍ଟସ୍ ବାଜି ସେ ଆହତ ହୋଇଛନ୍ତି। ତାଙ୍କ ପରିବାରର ଅନ୍ୟମାନେ ଅଳ୍ପକେ ବର୍ତ୍ତିଯାଇଥିବା ସେ କହିଛନ୍ତି। ଗାଁର ମନ୍ତ୍ରୀ ସାଉନ୍ତା, ଯୁଲମେ ସାଉନ୍ତା ଏବଂ ତାମିଲି ଗ୍ରାମର ଏକ ପରିବାରର ଘର ଆଜବେଷ୍ଟସ୍ ଉଡ଼ିଯିବା ସହ ବର୍ଷା ପାଣିରେ ଭିଜି ଗଚ୍ଛିତ ରଖାଯାଇଥିବା ଖାଦ୍ୟଶସ୍ୟ ମଧ୍ୟ ନଷ୍ଟ ହୋଇଥିବା ସୂଚନା ମିଳିଛି। ଜରୁରିକାଳୀନ ସହାୟତା ଯୋଗାଇଦେବାକୁ ସେମାନେ କ୍ଷତିଗ୍ରସ୍ତମାନେ ଦାବିକରିଛନ୍ତି। ତହସିଲଦାର ଜଗୁ ପୂଜାରୀଙ୍କୁ ପଚାରିବାରୁ କ୍ଷୟକ୍ଷତି ଆକଳନ ପରେ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

**ସଂକ୍ଷେପରେ**

### ପୋଚ, ମଦ ଜବତ: ଜଣେ ଗିରଫ

କୁନ୍ଦୁରା, ୭।୫ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ଗ୍ରାମ ନିକଟସ୍ଥ କୁର୍ଲୁ ନଦୀ ନିକଟରେ ଚୋରାରେ ରନ୍ଧା ଯାଉଥିବା ଦେଶୀ ମଦ ଭାଟିରେ ଚଢ଼ାଉ କରି ପୋଲିସ ୮୦୦ ଲିଟର ପୋଚ ସହ ୮୫ ଲିଟର ମଦ ଜବତ କରିଛି। ଏଠାରୁ ରାଜେଶ କୁମାର ବିଷୋୟୀଙ୍କୁ ଗିରଫ କରାଯାଇଥିବାବେଳେ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି। ବିଭିନ୍ନ ନଦୀ କୂଳରେ ପୋଲିସକୁ ଚକ୍‌ମା ଦେଇ ଚୋରାରେ ଦେଶୀ ମଦ ରାନ୍ଧିବା ସହ ଗାଁରେ ଅବାଧ ମଦ ବିକ୍ରି ହେଉଛି। ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଧରପଗଡ଼ କରାଯାଉଛି। ଅବକାରୀ ବିଭାଗ ଚୁପ୍ ରହୁଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ୬୬/୨୪ରେ ଏକ ମାମଲା ରୁଜୁ କରିଛି।

### ଖଣି ଅଞ୍ଚଳରେ ଓଲଟିଲା ଟିପ୍ପର



ଦାମନଯୋଡ଼ି, ୭।୫ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ନାଲ୍‌କୋ ଖଣି ଅଞ୍ଚଳରେ ବକ୍ସାଇଟ ପରିବହନ କରୁଥିବା ଏକ ଟିପ୍ପର ଓଲଟି ପଡ଼ିଛି। ଦୁର୍ଘଟଣାରେ ଡ୍ରାଇଭର ବର୍ତ୍ତିଯାଇଥିବା ସୂଚନା ମିଳିଛି। ତେବେ ଓଭର ଲୋଡ୍ ଯୋଗୁ ଏପରି ଘଟିଥିବା ସୂଚନା ମିଳିଛି। ମଙ୍ଗଳବାର ଅପରାହ୍ନରେ ନାଲ୍‌କୋ ଖଣି ଅଞ୍ଚଳରୁ କ୍ରଶର ହାଉସକୁ ଏକ ଟିପ୍ପର (ଟିଏସ୍-୨୬ଟିଏ-୨୯୦୬)ରେ ବକ୍ସାଇଟ ପରିବହନ ହେଉଥିଲା। ଏହି ସମୟରେ ଭାରସାମ୍ୟ ହରାଇ ତାହା ଓଲଟି ପଡ଼ିଥିଲା। ଏଥିରେ ଗାଡ଼ିର ଆଗପଟ କାଚ ବାହାରି ପଡ଼ିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ତେବେ ଗାଡ଼ିଟି ଓଭର ଲୋଡ୍ ଥିବା ସହ ସକାଳେ ଉକ୍ତ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିବା ବେଳେ ଚକା ଦବିଯିବାରୁ ଟିପ୍ପରଟି ଓଲଟି ପଡ଼ିଥିବା ଜଣାପଡ଼ିଛି।

## ବର୍ଷା ପରେ ରାସ୍ତାରେ ଭାସିଲା ପାଣି, ଆବର୍ଜନା

ସୁନାବେଡ଼ା/ସେମିଳିଗୁଡ଼ା, ୭।୫
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଗତ କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଦାଉ ସାଧୁଥିବା ବେଳେ ମଙ୍ଗଳବାର ଅସରାଏ ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ମଙ୍ଗଳବାର ସକାଳୁ ଦୀର୍ଘ ୪ ଘଣ୍ଟା ଧରି ଉଭୟ ସୁନାବେଡ଼ା ଓ ସେମିଳିଗୁଡ଼ାରେ ପବନ ସାଙ୍ଗକୁ ଘଡ଼ଘଡ଼ି ଓ ବର୍ଷା ଲାଗି ରହିଥିଲା। ଅଦିନିଆ କାଳବୈଶାଖୀ ବର୍ଷା ଯୋଗୁ ପୌରାଞ୍ଚଳର ଅନେକ ୱାର୍ଡର ରାସ୍ତାଘାଟରେ ପାଣି ଜମି ରହିଥିଲା। ଫଳରେ ସାଧାରଣ ଜୀବନଯାତ୍ରାରେ ବାଧା ସୃଷ୍ଟି ହୋଇଛି। ପୌର ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ୍‌ଗୁଡ଼ିକୁ ସଫା କରାଯାଉ ନ ଥିବାରୁ ଜଳ ନିଷ୍କାସନ ହୋଇ ପାରୁ ନ ଥିବା ୱାର୍ଡବାସୀ ଅଭିଯୋଗ ଆଣିଛନ୍ତି। ଫଳରେ ଅସରାଏ ବର୍ଷାରେ ୱାର୍ଡଗୁଡ଼ିକର ରାସ୍ତା ଘାଟ ଜଳମଗ୍ନ ହେଉଛି। ତା'ଛଡା ରାସ୍ତା ଉପରେ ପଡୁଥିବା ଆବର୍ଜନା ଯୋଗୁ ମଧ୍ୟ ଅନେକାଂଶରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଯେଉଁଥିପାଇଁ ଲୋକେ ଅସନ୍ତୋଷ ଜାହିର କରିବା ସହ ଆଉ କିଏ କ୍ଷମତାରେ ଆସିଲେ ଏସବୁ ସମସ୍ୟାର ସମାଧାନ ହେବ ବୋଲି ପ୍ରଶ୍ନ କରିଛନ୍ତି। ସରକାର ସହରାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ମାନ କରୁଛନ୍ତି। କିନ୍ତୁ ତାହା କେବଳ ଯୋଜନାରେ ସୀମିତ ରହିଯାଉଛି ବୋଲି କହିଛନ୍ତି ୱାର୍ଡବାସୀ କହିଛନ୍ତି। ଏହା ସରକାରଙ୍କ ଉଦାସୀନ ମନୋଭାବ ହେଉ ଅବା ପ୍ରଶାସନର ଅପାରଗତା ଯାହାର ପରିଣାମ ସାଧାରଣ ଜନତା ଭୋଗୁଛନ୍ତି। ଅଦିନିଆ ସ୍ୱଳ୍ପ ବର୍ଷାରେ ସହରର ଅବସ୍ଥା ଏମିତି ହେଉଥିବାବେଳେ ବର୍ଷା ଦିନରେ ଅବସ୍ଥା ସାଂଘାତିକ ହେବ ବୋଲି ଏଥିର ଅନୁମେୟ। ତେଣୁ ଏଦିଗରେ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୭।୫
(ପବନ ପାଣଗ୍ରାହୀ)



ଜୟପୁର ଟାଉନ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୋଡ଼ିଆ ଧୋବା ସାହିର କମଳ ଲୋଚନ ଜାନି। ପୋଲିସ ସୂଚନାନୁଯାୟୀ ଗୋଡିଆ ଧୋବା ସାହିର କମଳ ଲୋଚନ ଜାନିଙ୍କ ନାମରେ ଜୟପୁର ଟାଉନ ଥାନାରେ ୨୦୧୯ରେ ଅପରାଧିକ ମାମଲା ରହିଥିଲା। ସେହି ଦିନଠାରୁ ସେ ଫେରାର ଥିବାବେଳେ ମଙ୍ଗଳବାର ତାଙ୍କୁ ଗିରଫ କରାଯାଇଛି। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନାଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

## ରାଇଘର ଥାନାରେ ଏତଲା ଦେଲେ ଯବାନ

ରାଇଘର, ୭।୫(କିରଣ ପଟ୍ଟନାୟକ)

**ଜଙ୍ଗଲରେ ଗୁଳିବାଜି ଯୁବକ ଗୁରୁତର ଘଟଣା**

ଜଙ୍ଗଲରେ ବୁଲୁଥିବାବେଳେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ସୀମାନ୍ତ ହାତୀଗାଁ ପଞ୍ଚାୟତ ଲାପିବେଡ଼ା ଗ୍ରାମର ଶ୍ରବଣ ଗଣ୍ଡ(୨୪)ଙ୍କ ଦେହରେ ରବିବାର ରାତିରେ ଗୁଳିବାଜି ଗୁରୁତର ହୋଇଥିଲେ। ସିଆର୍‌ପିଏଫ୍ ଯବାନଙ୍କ ଗୁଳିରେ ଶ୍ରବଣ ଆହତ ହୋଇଥିବା ତାଙ୍କ ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଏ ନେଇ ରାଇଘର ଥାନାଧିକାରୀ ରଘୁନାଥ ମାଝି ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରିବା ପରେ ହାତୀଗାଁ ସିଆରପିଏଫ୍ କ୍ୟାମ୍ପ ଯବାନ ବୈଦ୍ୟନାଥ ନାୟକ ରାଇଘର ଥାନାରେ ଲିଖିତ ଏତଲା ଦେଇଛନ୍ତି। ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ସମୟରେ ଶ୍ରବଣ ମଝିରେ ପଶିଯିବାରୁ ଏପରି ଘଟଣା ଘଟିଥିବା ତାଙ୍କ ଏତଲାରେ ଉଲ୍ଲେଖ ରହିଛି। ଶ୍ରବଣଙ୍କ ସହ ଜଙ୍ଗଲକୁ ଯାଇଥିବା ତାଙ୍କ ସାଙ୍ଗ ବିଦୁ ଗଣ୍ଡ, ରାମସାୟ ଗଣ୍ଡ ଓ ବୁଲୁ ଗଣ୍ଡ ସୁରକ୍ଷିତ ଗାଁକୁ ଫେରିଥିବା ଥାନାଧିକାରୀ କହିଛନ୍ତି। କୋରାପୁଟ ରଘୁନାଥ ମୁର୍ମୁ ଚିକିତ୍ସାଳୟରେ ଶ୍ରବଣଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ରାଇଘର ଥାନା ପୋଲିସ କେସ୍ ନଂ.୧୪୮/୨୪ରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ପ୍ରକାଶ କରିଛନ୍ତି।

## ବୁଥ୍ ପରିଦର୍ଶନକଲେ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ

କୋଷାଗୁମୁଡ଼ା, ୭।୫(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲାରେ ନିୟୋଜିତ ମୁଖ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ପଲ୍ଲବ ଗୋପାଳ ଝା ମଙ୍ଗଳବାର କୋଷାଗୁମୁଡ଼ା ବ୍ଲକ ଗସ୍ତରେ ଆସିଥିଲେ। ବ୍ଲକର ମଦେଇଗାଁ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୬ ନମ୍ବର ଭୋଟ ଗ୍ରହଣ କେନ୍ଦ୍ର ଓ କର୍ଚ୍ଚାମାଳ ପଞ୍ଚାୟତର ୩୨ ଓ ୩୩ ନମ୍ବର ଭୋଟ ଗ୍ରହଣ କେନ୍ଦ୍ର ପରିଦର୍ଶନ କରିଥିଲେ। ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି। ଏହି ପରିଦର୍ଶନ ସମୟରେ ବିଡିଓ ଆଶିଷ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ତୁଳସୀରାମ ଶବର, ଏଫ୍‌ଓ ଗିରିଜା ଶଙ୍କର ପଟ୍ଟନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ମଦେଇଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ବୁଥ୍‌ରେ ଅଧିକାରୀମାନେ।

## ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାସ୍ତାରେ ପିଚୁ ପଡ଼ିବା ଅଭିଯୋଗ

■ ନିମ୍ନମାନର କାମ କରାଯାଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ
■ ଅଭିଯୋଗ ପରେ କାମ ବନ୍ଦ, ଦିଆଯାଇଛି ତଦନ୍ତ ନିର୍ଦ୍ଦେଶ

ନବରଙ୍ଗପୁର,୭।୫(ସଦାଶିବ ପ୍ରହରାଜ)



ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ନବରଙ୍ଗପୁର ଜିଲା ଡାବୁଗାଁରୁ କେଲିଆ ରାସ୍ତା କାମ କରାଯାଉଛି। କିନ୍ତୁ ଏହୀ କାମ ଅତି ନିମ୍ନମାନର ଚାଲିଥିବା ନେଇ ଅଭିଯୋଗ ହୋଇଛି। ଠିକାଦାର ରାତିଅଧିଆ ନିମ୍ନମାନର ପିଚୁ ପକାଇ କାମ ସାରି ଦେଉଛନ୍ତି ବୋଲି ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ମୁଖ୍ୟ ଶାସନ ସଚିବ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ହେଉଥିବା ଏହି ରାସ୍ତା ପିଚୁ ପକାଯିବା ଓ ଅନ୍ୟ କାମ ରାତି ଅଧିଆ କରାଯାଉଛି । ବିଭାଗୀୟ କନିଷ୍ଠ ଓ ସହକାରୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ହେଉଛି। ଦିନରେ ଏହିଭଳି ନିମ୍ନମାନର କାର୍ଯ୍ୟ କଲେ ଜନସାଧାରଣ ବିରୋଧ କରିବେ, ସେନେଇ ରାତି ଅଧିଆ ଠିକାଦାର କାମ ସମ୍ପୂର୍ଣ୍ଣ କରି ଦେବାକୁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ କାମ ବନ୍ଦ କରାଯାଇଛି। ଏନେଇ ଜିଲାପାଳ ନବରଙ୍ଗପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

